# NATIONAL NEWS BULLETIN (ODIA)

**28 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ  କରିବେ ଭାବ ବିନିମୟ ।

- ଜାମ୍ମୁ କାଶ୍ମୀରରେ ତୃତୀୟ ପର୍ଯ୍ୟାୟ ଏବଂ ହରିୟାଣା ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ ।

- ଆଗାମୀ ବିମ୍‌ଷ୍ଟେକ ଶିଖର ସମ୍ମିଳନୀ ପ୍ରସ୍ତୁତି ନେଇ ନ୍ୟୁୟର୍କଠାରେ ବିମ୍‌ଷ୍ଟେକ ରାଷ୍ଟ୍ରଗୋଷ୍ଠୀ ବୈଦେଶିକ ମନ୍ତ୍ରୀଙ୍କ ସମ୍ମିଳନୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ।

- ନେପାଳର କୋଶି ଏବଂ ଗଣ୍ଡକ ନଦୀ ବ୍ୟାରେଜ୍‌ରୁ ଜଳ ନିଷ୍କାସନ ନେଇ ତଳିଆ ଅଞ୍ଚଳ ବାସୀଙ୍କ ପାଇଁ ବିହାର ଜଳସମ୍ପଦ ବିଭାଗର ସତର୍କ ସୂଚନା ।

ଏବଂ

- ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନର ଖେଳ ବର୍ଷା ଯୋଗୁଁ ବାଧାପ୍ରାପ୍ତ ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୪ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଚତୁର୍ଥ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱାର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ **News on AIR** ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଜେକେ-ନିର୍ବାଚନ ପ୍ରଚାର

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଏବଂ ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ରାଜନୈତିକ ଦଳ ଗୁଡ଼ିକ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଜାମ୍ମୁ କାଶ୍ମୀରରେ ଅନ୍ତିମ ପର୍ଯ୍ୟାୟରେ ୪୦ଟି ବିଧାନସଭା ଆସନ ନିମନ୍ତେ ଅକ୍ଟୋବର ପହିଲାରେ

ଭୋଟ୍ ଗ୍ରହଣ ହେବ । ବିଭିନ୍ନ ରାଜନୈତିକ ଦଳର ନେତାମାନେ ମତଦାତାମାନଙ୍କୁ ସେମାନଙ୍କ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ଲାଗି ର୍ୟାଲି ଏବଂ ରୋଡ୍ ଶୋ' ଆୟୋଜନ କରୁଛନ୍ତି । ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜାମ୍ମୁରେ ଏକ ର୍ୟାଲିକୁ ସମ୍ବୋଧନ କରିବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ମଧ୍ୟ ଆଜି କେତୋଟି ନିର୍ବାଚନ ର୍ୟାଲିରେ ଅଂଶଗ୍ରହଣ କରୁଛନ୍ତି ।

ଇତିମଧ୍ୟରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଗତକାଲି ଜାମ୍ମୁର କଠୁଆ ଠାରେ ଏକ ର୍ୟାଲିକୁ ସମ୍ବୋଧିତ କରି କେନ୍ଦ୍ର ଶାସିତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ବିଧାନସଭା ନିର୍ବାଚନକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଲୋକମାନେ ଏବେ ଶାନ୍ତି ଓ ବିକାଶ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛନ୍ତି । ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନଡ୍ଡା କହିଛନ୍ତି, କାଶ୍ମୀର ଯୁବପିଢ଼ି ଆତଙ୍କବାଦ ଏବଂ ହିଂସାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଓ ମୁଖ୍ୟ ଧାରାରେ ସାମିଲ ହୋଇଛନ୍ତି ।

ହରିୟାଣାରେ ୯୦ ଆସନ ବିଶିଷ୍ଟ ବିଧାନସଭା ନିମନ୍ତେ ଅକ୍ଟୋବର ୫ ତାରିଖରେ ମତଦାନ ହେବ । ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଅମ୍ବାଲା, କୁରୁକ୍ଷେତ୍ର ଏବଂ ରେବାରିରେ ଜନସଭାକୁ ସମ୍ବୋଧିତ କରିଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସେ ଆଲୋକପାତ

କରିଥିଲେ । ପୂର୍ବର କଂଗ୍ରେସ ସରକାର ଦୁର୍ନୀତିରେ ଲିପ୍ତ ଥିଲାପରି ଶ୍ରୀ ଶାହା ଅଭିଯୋଗ କରିଥିଲେ ।

ସେହିପରି କଂଗ୍ରେସ ନେତ୍ରୀ କୁମାରୀ ଶୈଳଜା ମଧ୍ୟ କେତେକ ଜନସଭାକୁ ସମ୍ବୋଧିତ କରିଥିଲେ । ବିଜେପି ନେତୃତ୍ୱାଧୀନ ସରକାରଙ୍କ ଯୋଗୁଁ କୃଷିଜୀବୀ, ଶ୍ରମିକ, ବ୍ୟବସାୟୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ବେକାରୀହାର ବୃଦ୍ଧି ପାଇଛି ବୋଲି ସେ ଅଭିଯୋଗ କରିଥିଲେ । ସେହିଭଳି ଆମ୍ ଆଦ୍‌ମୀ ପାର୍ଟି ତଥା ଅନ୍ୟାନ୍ୟ ରାଜ୍ୟସ୍ତରୀୟ ରାଜନୈତିକ ଦଳ ନିଜନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି ।

## ଜୟଶଙ୍କର-ବିମ୍‌ଷ୍ଟେକ ମିଟିଂ

ଆଗାମୀ ବିମ୍‌ଷ୍ଟେକ ଶିଖର ସମ୍ମିଳନୀ ପ୍ରସ୍ତୁତି ନେଇ ନ୍ୟୁୟର୍କଠାରେ ବିମ୍‌ଷ୍ଟେକ ରାଷ୍ଟ୍ରଗୋଷ୍ଠୀ ବୈଦେଶିକ ମନ୍ତ୍ରୀଙ୍କ ସମ୍ମିଳନୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି ବିମ୍‌ଷ୍ଟେକ ରାଷ୍ଟ୍ରସମୂହ ସହ ସ୍ୱାସ୍ଥ୍ୟ, ଖାଦ୍ୟସୁରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ଅର୍ଥନୀତି ଏବଂ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରାଯାଇଛି । ସାମୁଦ୍ରିକ ତଥା ପ୍ରଯୁକ୍ତି ବିଦ୍ୟା ଯୋଗାଯୋଗର ଉନ୍ନତି ଏବଂ ବିଭିନ୍ନ କ୍ଷେତ୍ରରେ ଦକ୍ଷତା

ବୃଦ୍ଧି, ବିକାଶ ଓ ସହଭାଗିତାକୁ ସୁଦୃଢ଼ କରିବା ନେଇ ବୈଠକରେ ଆଲୋଚନା ହୋଇଛି । ପଡୋଶୀ ପ୍ରଥମ, ଭିଜନ ସାଗର ଏବଂ ଆକ୍ଟ ଇଷ୍ଟ ନୀତି ଆଧାରରେ ବିମ୍‌ଷ୍ଟେକ ରାଷ୍ଟ୍ରସମୂହ ସହ ବ୍ୟାପକ ସହଭାଗିତା ନେଇ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ବିହାର-ନଡ୍ଡା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଆଜି ବିହାର ଗସ୍ତରେ ଯାଇଛନ୍ତି । ଦଳୀୟ ସଦସ୍ୟତା ଗ୍ରହଣ ସଂକ୍ରାନ୍ତ ଅଭିଯାନର ସ୍ଥିତି ନେଇ ଶ୍ରୀ ନଡ୍ଡା ସମୀକ୍ଷା କରୁଛନ୍ତି । ଏହି ଗସ୍ତ ଅବସରରେ ସେ ବିହାରର ଦଳୀୟ ସାଂସଦ, ବିଧାୟକ ଏବଂ ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କ ସହ ସଦସ୍ୟତା ଅଭିଯାନ ନେଇ ବିଚାର ବିମର୍ଷ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ଦୁଇମାସ ମଧ୍ୟରେ ବିଜେପି ରାଜ୍ୟରୁ ୧କୋଟି ଲୋକଙ୍କୁ ଦଳୀୟ ସଦସ୍ୟ ଭାବେ ଗ୍ରହଣ କରିବାର ଲକ୍ଷ୍ୟ ରଖିଛି । ସୂଚନାଯୋଗ୍ୟ ବିହାରରେ ବିଜେପି ଦଳୀୟ ସଦସ୍ୟତା ଗ୍ରହଣ ଅଭିଯାନ ଚଳିତମାସ ୨ ତାରିଖରୁ ଆରମ୍ଭ ହୋଇଛି ।

# ବିହାର-ହାଇଆଲର୍ଟ

ନେପାଳର କୋଷି ଏବଂ ଗଣ୍ଡକ ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଏହି ଦୁଇନଦୀର ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧିପାଇଛି । ସେଠାରୁ ଜଳ ନିଷ୍କାସନର ସମ୍ଭାବନା ଥିବାରୁ ବିହାର ଜଳସମ୍ପଦ ବିଭାଗ ତଳିଆ ଅଞ୍ଚଳଗୁଡ଼ିକ ପାଇଁ ଆକସ୍ମିକ ବନ୍ୟା ସଂକ୍ରାନ୍ତ ସତର୍କ ସୂଚନା ଜାରି କରିଛି । କୋଷି ଏବଂ ଗଣ୍ଡକ ବ୍ୟାରେଜ୍‌ରୁ ୬ଲକ୍ଷ ଘନଫୁଟ ଜଳ ନିଷ୍କାସିତ ହୋଇପାରେ ବୋଲି ଜଳସମ୍ପଦ ବିଭାଗ ସୂଚନା ଦେଇଛି । ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ସରଣ, ଗୋପାଳଗଞ୍ଜ, ସୁପୌଲ, ସହର୍ଷା ଏବଂ ଅନ୍ୟକେତେକ ଜିଲ୍ଲା ପ୍ରଭାବିତ ହୋଇପାରେ । ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ସୁପୌଲ ଜିଲ୍ଲାପାଳ କୌଶଲ କୁମାର କହିଛନ୍ତି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏଥିପାଇଁ ସୂଚନା ପ୍ରଦାନ କରାଯାଇଛି । ତଳିଆ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ସନ୍ତୋଷ କୁମାର ମଲ୍ଲଙ୍କ ଅଧ୍ୟକ୍ଷତାରେ ଗତ ସଂଧ୍ୟାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଗଣ୍ଡକ ଏବଂ କୋଷି ଅବବାହିକା ଜଳ ନିଷ୍କାସନ ପାଇଁ ଜାରି ମାର୍ଗଦର୍ଶିକାକୁ ଅନୁସରଣ କରିବାକୁ ସଚିବ ଶ୍ରୀ ମଲ୍ଲ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ

ଦେଇଛନ୍ତି । ଜଳସମ୍ପଦ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି ।

## ଲତା ମଙ୍ଗେସ୍କର ଜନ୍ମବାର୍ଷିକୀ

ବିଶିଷ୍ଟ ଗାୟିକା ସ୍ୱର୍ଗତ ଲତା ମଙ୍ଗେସ୍କରଙ୍କର ୯୫ତମ ଜନ୍ମବାର୍ଷିକୀ ଅବସରରେ ସମଗ୍ର ଦେଶ ତାଙ୍କର ସ୍ମୃତିଚାରଣ କରୁଛି । ୧୯୨୯ ସେପ୍ଟେମ୍ବର ୨୮ ତାରିଖରେ ଜନ୍ମଗ୍ରହଣ କରିଥିବା ଲତା ମଙ୍ଗେସ୍କର ଦେଶବାସୀଙ୍କୁ ଆକୃଷ୍ଟ କରିପାରିଥିଲେ । ୭୦ବର୍ଷ ସଙ୍ଗୀତ ଜୀବନ ଭିତରେ ଏକାଧିକ ଭାଷାରେ ୨୫ହଜାରରୁ ଅଧିକ ଗୀତ ଗାଇ ପରବର୍ତ୍ତୀ ପୀଢ଼ିର କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି । ଭାରତରତ୍ନ ପୁରସ୍କାରପ୍ରାପ୍ତ ଲତା ମଙ୍ଗେସ୍କର ୨୦୨୨ମସିହା ଫେବୃୟାରୀ ୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।

## ଜେକେ-ଏନ୍‌କାଉଣ୍ଟର

ଜାମ୍ମୁକାଶ୍ମୀରରେ କୁଲଗାଁଓ ଜିଲ୍ଲା ଅନ୍ତର୍ଗତ ଆଦିଗାମଠାରେ ସୁରକ୍ଷା କର୍ମୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଆଜି ସକାଳୁ ଗୁଳି ବିନିମୟ ହୋଇଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସେହି ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ମିଳିତ ସୁରକ୍ଷା ବାହିନୀ ପକ୍ଷରୁ ଘେରାଉ

ଏବଂ ତଲାସୀ ଅଭିଯାନ କରାଯାଇଥିଲା । ତେବେ ସନ୍ଦିଗ୍ଧ ସ୍ଥାନକୁ ସୁରକ୍ଷାବାହିନୀ ଗତି କରୁଥିବାବେଳେ ଲୁଚି ରହିଥିବା ଆତଙ୍କବାଦୀଙ୍କପଟୁ ଗୁଳିଗୋଳା ମାଡ କରାଯାଇଥିଲା । ସୁରକ୍ଷାବାହିନୀ ତା'ର ପାଲଟା ଜବାବ ଦେଇଥିଲେ । ସେଠାରେ ଆତଙ୍କବାଦୀ ଏପର୍ଯ୍ୟନ୍ତ ଲୁଚି ରହିଥିବା ସନ୍ଦେହ କରାଯାଉଛି ବୋଲି ସୁରକ୍ଷା ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି ।

## ପିଏମ୍-ଭଗତ ସିଂହ

ସ୍ୱାଧୀନତା ସଂଗ୍ରାମୀ ସହିଦ ଭଗତ ସିଂହଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ସମଗ୍ର ଦେଶ ଆଜି ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମରେ ତାଙ୍କର ସ୍ମୃତିଚାରଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ମାତୃଭୂମିର ସ୍ୱାଭିମାନ ରକ୍ଷା ପାଇଁ ନିଜ ଜୀବନକୁ ବଳି ଦେଇଥିବା ଭଗତ ସିଂହ ସର୍ବଦା ଅମର ହୋଇ ରହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଦେଶର ସ୍ୱାଧୀନତା ଏବଂ ସୁବର୍ଣ୍ଣ ଭବିଷ୍ୟତ ପାଇଁ ଭଗତ ସିଂହ ନିଜ ଜୀବନକୁ ବଳି ଦେଇଥିଲେ ବୋଲି କହିଛନ୍ତି ।

# ଭାରତ-ବାଂଲାଦେଶ ଟେଷ୍ଟ ମ୍ୟାଚ୍

କାନପୁରରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନର ଖେଳ ବର୍ଷା ଯୋଗୁଁ ଆରମ୍ଭ ହୋଇପାରି ନାହିଁ । ବାଂଲାଦେଶ ପ୍ରଥମ ଇନିଂସରେ କରିଥିବା ତିନି ୱିକେଟ୍ ବିନିମୟରେ ୧୦୭ରନ୍ ସ୍କୋରରୁ ଆଜି ଖେଳ ଆରମ୍ଭ କରିବ । ଗତକାଲି ପ୍ରବଳ ବର୍ଷା ଯୋଗୁଁ ଅପରାହ୍ଣ ପରେ ଖେଳ ବନ୍ଦ ରହିଥିଲା । ବାଂଲାଦେଶର ମୋମିନୁଲ୍ ହକ୍ ୪୦ ଏବଂ ମୁସ୍‌ଫିକୁର୍ ରହିମ୍ ୬ ରନ୍ କରି କ୍ରିଜ୍‌ରେ ଅଛନ୍ତି । ଗତକାଲି ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ସୂଚନା ଯୋଗ୍ୟ ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୨୮୦ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।